**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**7.05.2025**

# ଅପରେସନ ସିନ୍ଦୂର

ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀର ଅଞ୍ଚଳରେ ଆତଙ୍କବାଦୀ ଭିତ୍ତିଭୂମିକୁ ଲକ୍ଷ୍ୟକରି ଭାରତୀୟ ସେନା ଅପରେସନ 'ସିନ୍ଦୂର' ଆରମ୍ଭ କରିଛି । ଗତ ମଧ୍ୟରାତ୍ରିରୁ ଏହି ଅପରେସନ ମାଧ୍ୟମରେ ପାକିସ୍ତାନର ୯ଟି ଆତଙ୍କବାଦୀ ଅଧ୍ୟୁଷିତ ଅଞ୍ଚଳ ଉପରେ ଅତ୍ୟନ୍ତ ସଂଯମ ଓ ପରିପକ୍ୱତାର ସହ ଯୋଜନାବଦ୍ଧ ଭାବେ ଲକ୍ଷ୍ୟ ଚୟନ କରି ଆକ୍ରମଣ କରାଯାଇଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ପାକିସ୍ତାନ ସେନାର କୌଣସି ଶିବିର ଉପରେ ଭାରତୀୟ ସେନା ଆକ୍ରମଣ କରିନାହିଁ । ଏହି ଆକ୍ରମଣ ଦ୍ୱାରା ସେଠାରେ ବହୁ କ୍ଷୟକ୍ଷତି ହୋଇଥିବା ମନ୍ତ୍ରଣାଳୟ କହିଛି । ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରିପ୍ରେକ୍ଷୀରେ ଭାରତ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

# ସିଭିଲ୍ ଡିଫେନ୍ସ-ମକ୍ ଡ୍ରିଲ୍

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ଆଜି ରାଜ୍ୟର ୧୨ଟି ସ୍ଥାନରେ ସୁରକ୍ଷା ସଂପର୍କିତ ମକ୍‌ଡ୍ରିଲ୍ ହେବ । ସେହି ସ୍ଥାନଗୁଡ଼ିକ ହେଉଛି– ଭୁବନେଶ୍ୱର, ବାଲେଶ୍ୱର, କୋରାପୁଟ, ଗୋପାଳପୁର, ହୀରାକୁଦ, ପାରାଦ୍ୱୀପ, ରାଉରକେଲା, ଭଦ୍ରକ, ଢେଙ୍କାନାଳ, ଜଗତ୍‌ସିଂହପୁର,

କେନ୍ଦ୍ରାପଡା ଓ ତାଳଚେର । ମିଳିଥିବା ସୂଚନା ଅନୁଯାୟୀ ଆଜି ଅପରାହ୍ଣ ୪ଟାରେ ମକ୍‌ଡ୍ରିଲ୍ ପାଇଁ ସାଇରନ୍ ବାଜିବ। ପ୍ରଥମ ପର୍ଯ୍ୟାୟରେ ଆଜି ଉପକୂଳବର୍ତ୍ତୀ ଜିଲ୍ଲା ଓ ସହରାଞ୍ଚଳରେ ମକ୍‌ଡ୍ରିଲ୍ କରାଯିବ। ୫ ମିନିଟ୍ ପରେ ପୁଣି ଥରେ ସାଇରନ୍ ବାଜିଲେ ମକ୍‌ଡ୍ରିଲ୍ ଶେଷ ହେବ । ବିଶେଷକରି ଶତ୍ରୁପକ୍ଷ ବିମାନ ଆକ୍ରମଣ କଲେ ଗ୍ରହଣ କରାଯିବାକୁ ଥିବା ପ୍ରତିଷେଧମୂଳକ ବ୍ୟବସ୍ଥା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯିବା ଏହି ମକ୍‌ଡ୍ରିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ। ପର୍ଯ୍ୟାୟକ୍ରମେ ୭ ଦିନ ଧରି ରାଜ୍ୟରେ ସୁରକ୍ଷା ସମ୍ପର୍କିତ ମକ୍‌ଡ୍ରିଲ୍ ହେବ । ଏ ସଂପର୍କରେ ସୂଚନା ଦେଇ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି :

**V/O**

---

# ମୁଖ୍ୟମନ୍ତ୍ରୀଙ୍କ ଚିଠି

ଦୀଘା ମନ୍ଦିରକୁ ଜଗନ୍ନାଥ ଧାମ କୁହା ନଯାଉ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଏ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଶ୍ରୀ ମାଝୀ ଚିଠି ଲେଖିଛନ୍ତି । ପଶ୍ଚିମବଙ୍ଗ ସରକାର ଆନ୍ତଃରାଜ୍ୟ ସମ୍ମାନ ଏବଂ ସାଂସ୍କୃତିକ ସମ୍ବେଦନଶୀଳତାକୁ ବଜାୟ ରଖିବେ ବୋଲି ଶ୍ରୀ ମାଝୀ ଆଶାବ୍ୟକ୍ତ କରିଛନ୍ତି ।

---

# ପୁରୀ ବିମାନ ବନ୍ଦର

ପୁରୀରେ ବିମାନ ବନ୍ଦର କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ଆଞ୍ଚଳିକ ସଂଯୋଗୀକରଣ ବୃଦ୍ଧି ପାଇବ ଏବଂ ଆର୍ଥିକ ଅଭିବୃଦ୍ଧିକୁ ନୂତନ ଗତି

ମିଳିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ରାଜ୍ୟରେ ପର୍ଯ୍ୟଟନ କ୍ଷେତ୍ରର ବିକାଶକୁ ଅଧିକ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ପୁରୀଠାରେ ଗ୍ରୀନ୍ ଫିଲ୍ଡ ବିମାନ ବନ୍ଦର ନିର୍ମାଣ ପ୍ରକଳ୍ପକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି । ୧ ହଜାର ୧୬୪ ଏକର ଜମିରେ ନିର୍ମାଣ ହେବାକୁ ଥିବା ଏହି ବିମାନ ବନ୍ଦର ପାଇଁ ୫ ହଜାର ୬୩୧ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ୩ଟି ପର୍ଯ୍ୟାୟରେ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହେବ ।

## ବିମାନ ଉଡ଼ାଣ

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଆସନ୍ତା ଜୁନ୍ ମାସରୁ ପ୍ରତିଦିନ ବିଶାଖାପଟନମ୍‌କୁ ବିମାନ ଚଳାଚଳ କରିବ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସଂପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାଦ୍ୱାରା ଓଡ଼ିଶା ପାଇଁ ପର୍ଯ୍ୟଟନ, ବାଣିଜ୍ୟ ଓ ଆଞ୍ଚଳିକ ସଂଯୋଗୀକରଣରେ ନୂତନ ମାର୍ଗ ଉନ୍ମୁକ୍ତ ହେବ ବୋଲି କହିଛନ୍ତି । ଏଥିପାଇଁ ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଦୁଗ୍ଧ ଚାଷୀ

ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅନ୍ତର୍ଗତ ଗୋ-ପାଳନ ଯୋଜନା ଅଧୀନରେ ଗତ ୩ ମାସ ମଧ୍ୟରେ ୧ ହଜାରରୁ ଅଧିକ ଦୁଗ୍ଧ ଉତ୍ପାଦନକ୍ଷମ ଗାଈ ସାମିଲ ହୋଇଛନ୍ତି । ଦୁଗ୍ଧ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଏବଂ ତାମିଲନାଡୁରୁ ଗାଈ ଅଣାଯାଇଛି ବୋଲି

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି । ମତ୍ସ୍ୟପ୍ରାଣୀ ସମାବେଶ ଓଡ଼ିଶା-୨୦୨୫ ଆୟୋଜନ ଅବସରରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ଏହା କହିଛନ୍ତି । କନ୍ଧମାଳ ଜିଲ୍ଲାରେ ଏହି ଯୋଜନାରେ ପ୍ରଥମ କରି ୩ଟି ୟୁନିଟ୍ ପ୍ରତିଷ୍ଠା କରାଯାଇଛି । ଏ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ସବ୍‌ସିଡି ପ୍ରଦାନ କରାଯାଉଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ଏଆଇ-ସିଂହଦେଓ

କୃଷିକ୍ଷେତ୍ରକୁ ଅଧିକ ବିକଶିତ କରିବାରେ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି । କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ ମାଧ୍ୟମରେ ଚାଷୀଙ୍କୁ ସମୟ ଉପଯୋଗୀ ସୂଚନା ପ୍ରଦାନ କରିବା ଲକ୍ଷ୍ୟ ନେଇ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସେ କହିଛନ୍ତି । ଭୁବନେଶ୍ୱର ଲୋକସେବା ସମ୍ମିଳନୀ କକ୍ଷରେ ଗତକାଲି କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗରେ ଚାଷୀଙ୍କୁ ଆଗୁଆ ସୂଚନା ପ୍ରଦାନ କରିବା ସଂକ୍ରାନ୍ତ ଏକ ରୂପରେଖ **AMNEX** ସଂସ୍ଥା ପକ୍ଷରୁ ପ୍ରସ୍ତୁତ କରାଯାଇଛି। ଏହି ବୈଠକରେ କୃଷି ବିଭାଗର ଉଚ୍ଚସ୍ତରୀୟ ପଦାଧିକାରୀ ଯୋଗଦେଇଥିଲେ ।

## ପାଣିପାଗ

ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷାର ପ୍ରଭାବରେ ଦିନର ତାପମାତ୍ରା ହ୍ରାସ ପାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଗତକାଲି ପ୍ରାୟ ସମସ୍ତ ସହରର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ତଳେ ରହିଥିଲା । ସେହିଭଳି ଆସନ୍ତା ୨୪ ଘଣ୍ଟା ମଧ୍ୟରେ

ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୮ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

ଅପରପକ୍ଷରେ ଚଳିତବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ଆସନ୍ତା ୧୩ ତାରିଖ ସୁଦ୍ଧା ଦକ୍ଷିଣ ଆଣ୍ଡାମାନକୁ ସ୍ପର୍ଶ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି ।

........................................................................................